# ଆକ୍ୟୁଟ ହେପାଟୋପନକରେଟିକ ନେକରୋସିସ ରୋଗ (AHPND)

ବର୍ତମାନ ସମୟରେ "ଆକ୍ୟୁଟ ହେପାଟୋପନକରେଟିକ ନେକରୋସିସ ରୋଗ (AHPND)" ଚୁଙ୍ଗୁଡ଼ି ର ଏକ ଗୁରୁତ୍ୱପୂର୍ଣ୍ଣ ଅଭୁତାଣବୀୟ ରୋଗ ଯାହାକି ୩୫ ଦିନ ଭିତରେ  ବ୍ୟାପକ ମୃତୁହାର ରୂପେ ଅଭୀଲକ୍ଷିତ ହୋଇ ଅଛି. ଏକ ନିର୍ଦ୍ଦିଷ୍ଟ ଜାତୀୟ ସର୍ବବ୍ୟାପି "ଭିବରିଓ ପାରାହେମୋଲୟଟିକସ୍" ବୀଜାଣୁ ଯାହାକି "ଭିବରିଓ" ଗୋଷ୍ଠୀର ଅନ୍ତର୍ଭୁକ୍ତ, ଏହି ରୋଗ ଏବଂ ସଂଯୁକ୍ତ ନିଦାନର କାରଣ ଅଟେ. ଅଦ୍ୟାବଧି ଏହି ରୋଗ ଭାରତ ରେ ଦେଖା ଯାଇ ନାହିଁ

## ଭାରତରେ AHPND ଆଶଙ୍କା ଅଛି କି?

ଏହି ରୋଗ ପ୍ରଥମେ ଚୀନ ରେ (୨୦୦୯ ମସିହା) ଦେଖାଦେଇଥିଲା. ବହୁତ ଶୀଘ୍ର ଏହା ପୂର୍ବ ଏସିଆ ମହାଦେଶର ଅନ୍ୟ ଦେଶ ଯଥା ଭିଏତନାମ, ମାଲୟେସିଆ, ଥାଇଲାଣ୍ଡ ପ୍ରଭୃତିର କୃଷକ ମାନଙ୍କ ମଧ୍ୟରେ ଆତଙ୍କ ଖେଳେଇ ଦେଇଥିଲା. ୨୦୧୭ ମସିହାରେ ଏହି ରୋଗ ବାଂଲାଦେଶ ରେ ମଧ ରିପୋର୍ଟ କରାଯାଇଥିଲା. କିନ୍ତୁ ଏପର୍ଯ୍ୟନ୍ତ ଏହା ଭାରତରେ ରିପୋର୍ଟ କରାଯାଇ ନାହିଁ. କିନ୍ତୁ ଏହାର ପ୍ରଳୟଙ୍କରୀ ଅବସ୍ଥାକୁ ଆଖି ଆଗରେ ରଖି ଉଚ୍ଚ ମାନର ସର୍ଭେଇଲାନ୍ସ ଏବଂ ଚେତାବନୀ ଉଭୟ ବୈଜ୍ଞାନିକ ସଂସ୍ଥା ଏବଂ କୃଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଥିବା ଦରକାର

## AHPND ର ରୋଗ କାରକ କିଏ ?

pirAB (Photorabdus insect related toxin) ବିଷ ବହନ କରିଥିବା ଗୋଟେ ବିଶେଷ ଜାତୀୟ ଜୀବାଣୁ ଯାହା କି ଭୀବରିଓ ଶ୍ରେଣୀର ଅନ୍ତଭୂକ୍ତ ଏବଂ ଭୀବରିଓ ପାରା ହିମୋଲାୟଟିକସ ନାମରେ ପରିଚିତ, ଏହି ରୋଗର କାରକ ଅଟେ. ଏହି pirAB  ଜିନ ଟି pirA  ଏବଂ pirB  ନାମରେ ଦୁଇଟି କୀଟନାଶକ ବିଷ ସଂସ୍ଲେସଣ କରିଥାଏ. . ଉଭୟ Pir-A ଏବଂ Pir-B ବିଷ AHPND କରିବା ପାଇଁ ଆବଶ୍ୟକ ହୋଇଥାଏ. ନିକଟରେ ମିଳିଥିବା କିଛି ତଥ୍ୟରୁ ଜଣ ପଡିଛି ଯେ କିଛିଟା ପାଖାପାଖି ପ୍ରଜାତିର ବୀଜାଣୁ ଯେପରିକି ଭୀବରିଓ ଓ଼ବଂଶୀ ଏବଂ ଭୀବରିଓ କାମ୍ବଲି ମଧ ଏହି pirAB ବିଷ ବହନ କରିଅଛନ୍ତି ଯାହାଫଳରେ AHPND କରିବାରେ ସକ୍ଷମ ହୋଇପାରନ୍ତି.

## କେଉଁ ପ୍ରଜାତିର ଚିଙ୍ଗୁଡ଼ି ଆକ୍ରାନ୍ତ ହୋଇଥାନ୍ତି ?

ଉଭୟ ବାଗଦା ଚିଙ୍ଗୁଡ଼ି, ପିନୀୟସ ମୋନୋଡନ ଏବଂ ଧଳା ଗୋଡ ଚିଙ୍ଗୁଡ଼ି, ପିନୀୟସ ଭାନାମାଇ AHPND ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି

## AHPND/EMS ରୋଗ ର ଲକ୍ଷଣ ଗୁଡିକ କଣ?

- ପୋଖରୀରେ ଜାଆଁଳ ଛାଡିବାର ୩୫ ଦିନ ଭିତରେ  ବ୍ୟାପକ ମୃତୁହାର
- ମରଣାସନ୍ନ ଚୁଙ୍ଗୁଡ଼ି ପୋଖରୀ ର ତଳକୁ ବୁଡି ଯାଏ
- ପ୍ରଭାବିତ ଚୁଙ୍ଗୁଡ଼ି ଖୋଳପା ନରମ ହେଇଯାଏ  ଏବଂ ପେଟ ଆଂଶିକ କିମ୍ବା ସମ୍ପୂର୍ଣ ଭାବେ ଖାଲି ରହେ.
- ବର୍ଣ୍ଣକ  କ୍ଷତି ଯୋଗୁ ହେପାଟୋପାନକ୍ରିଏସ (Hepatopancreas) ଧୂଷର ଅଥବା ସମ୍ପୂର୍ଣ ଧଳା ହୋଇଯାଏ
- HP ଅତି ମାତ୍ରାରେ ସଂକୁଚିତ ହୋଇ ଛୋଟ  ଏବଂ ବେରଂଗ ହୋଇଯାଏ
- HP କୁ ଦୁଇ ଆଙ୍ଗୁଠି ମଧ୍ୟରେ ରଖି ଚାପିଲେ ସହଜରେ ମଳି ହୁଏ ନାହିଁ
- ବେଳେ ବେଳେ HP ଭିତରେ କଳା ଦାଗ କିମ୍ବା ଗାର ଦେଖା ଯାଏ



TCBS ପ୍ଲେଟରେ ବିଜାଣୁର ବୃଦ୍ଧି




AHPND ଆକ୍ରାନ୍ତ ଚିଙ୍ଗୁଡ଼ି ଏବଂ ହେପାଟୋ ପାନକ୍ରିୟାସ ର ହିଷ୍ଟୋ ପାଥୋଲୋଜି
ସୌଜନ୍ୟ : Loc Tran

## AHPND ରୋଗ ନିର୍ଣୟନ

ଲକ୍ଷଣ ବ୍ୟତୀତ ହେପାଟୋ ପାନକ୍ରିୟାସ ର ହିଷ୍ଟୋ ପାଥୋଲୋଜି ପରୀକ୍ଷା, ସୂକ୍ଷ୍ମାକାର, ବର୍ଣ ନଷ୍ଟ ଏବଂ ହେପାଟୋ ପାନକ୍ରିୟାସ ଭିତରେ ଜୀବାଣୁ ଥିବା ଦର୍ଶାଇ ଥାଏ. ନିକଟରେ ବାହାରିଥିବା ଏପି ୪ (AP4) ପ୍ରାଇମର ପ୍ରଣାଳୀ ଯାହାକି PirA ଏବଂ PirB କୁ ଲକ୍ଷ କରିଥାଏ, ଏହି ପି ସି ଆର ର ପ୍ରଧାନ ନିର୍ଣୟନ ପ୍ରଣାଳୀ ଅଟେ.

## AHPND/EMS କେମିତି ନିବାରଣ କରିହେବ?

- ପୋଖରୀକୁ ନିୟମିତ ଭାବେ ଦୃଷ୍ଟି ରେ ରଖିବା ଦରକାର; ବିଶେଷତା ଚାଷ ର ଆରମ୍ଭ ସମୟରେ
- ଉପଯୁକ୍ତ ସଂଖ୍ୟକ ଜଳାଶୟ ତଥା ପକ୍ଷୀ ଏବଂ କଙ୍କଡା ରୋକିବା ବାଡ଼ ଇତ୍ୟାଦି ଦେଇ ସୁଦୃଢ ଜୀବ ସୁରକ୍ଷା (biosecurity) ଅନୁଲମ୍ବନ କରିବା ଆବଶ୍ୟକ. କର୍ମଚାରୀ, ବ୍ୟବହୃତ ଜିନିଷ ଏବଂ ଯନ୍ତ୍ରପାତି ସବୁର ସ୍ୱଚ୍ଛତା ଅନୁରକ୍ଷଣ କରିବା ଦରକାର
- PCR ଦ୍ୱାରା AHPND/EMS ପାଇଁ ପରୀକ୍ଷା କରିବା ଆବଶ୍ୟକ
- କିଛି ଦିନ ଜାଆଁଳା କୁ ନର୍ସେରି ରେ ପାଳନ କରି ବଢାଇବା ପରେ ପୋଖରୀ ରେ ଛାଡିବା ଦରକାର
- ଦରକାର ଅନୁସାରେ ଖାଦ୍ୟ ଦେବା ଦରକାର ଏବଂ ଯେକୌଣସି ପରିସ୍ଥିତି ରେ ଅଧିକ ଖାଦ୍ୟ ଦେବା ଆଦୌ ଉଚିତ ନୁହେ
- ଚିଙ୍ଗୁଡ଼ି ଚାଷରେ ବାୟୋଫ୍ଲକ (Biofloc) ପ୍ରୟୋଗ ଦ୍ୱାରା ଏହି ରୋଗ ନିବାରଣ କରିବାର ଦୃଷ୍ଟାନ୍ତ ରହିଛି
- ତିଲାପିଆ ମାଛ ସହ ଯୁଗ୍ମ ଚାଷ ଦ୍ୱାରା ଅଥବା ତିଲାପିଆ ବଢୁଥିବା ପୋଖରୀରୁ ସବୁଜ ପାଣି (Green water) ଚୁଙ୍ଗୁଡ଼ି ପୋଖରୀରେ ବ୍ୟବହାର କରିବା ଦ୍ୱାରା ଏହି ବୀଜାଣୁ ଜନିତ ରୋଗ ର ଉପଶମ ହେବା ଦେଖା ଯାଇଛି
- ବନ୍ଦୀବଦ୍ଧ ପୁନଃ ପରିସଞ୍ଚାରଣ ତନ୍ତ୍ର (closed re-circulatory system) ମନାଇବା ଅଥବା ବିନା ପାଣି ବଦଳା ବ୍ୟବସ୍ଥା ଅନୁସରଣ କରିବା ଉଚିତ



Dried Pond bottom



Biofloc

## କୌଣସି ନୂଆ ରୋଗର ସୁନିଶ୍ଚିତତା ପାଇଁ ଚାଷୀ ମାନେ CIBA ର ପରାମର୍ଶ ଲୋଡ଼ିବା ଦରକାର

ଯଦି ଚାଷୀ ମାନେ ନିଜ ପୋଖରୀରେ AHPND/EMS ର ଯେ କୌଣସି ଲକ୍ଷଣ ଦେଖନ୍ତି, ତା ପରେ ସବିଶେଷ ବିଶ୍ଳେଷଣ ଏବଂ ସୁନିଶ୍ଚିତତା ପାଇଁ ସେମାନେ CIBA ସହିତ ଯୋଗାଯୋଗ କରିବା ଦରକାର. କେବଳ ଲକ୍ଷଣ ଦେଖାଉଥିବା ଚିଙ୍ଗୁଡ଼ି ଯଦି ଠିକ ଭାବରେ ସଂରକ୍ଷଣ କରାହେଇଥାଏ ତାହେଲେ ସଠିକ ଅନ୍ୱେଷଣ ପାଇଁ ଉପଯୁକ୍ତ ହୋଇଥାଏ. ମୃତ କିବା ପ୍ରଲମ୍ବ (Frozen) ଚିଙ୍ଗୁଡ଼ି ପ୍ରସାଧନ ପାଇଁ ଯୋଗ୍ୟ ନୁହେ. ଯେହେତୁ AHPND/EMS ରୋଗ ଅଦ୍ୟାବଧି ଭାରତରେ ଖବର କରାଯାଇନାହିଁ, AHPND/EMS ଭଳି ଲକ୍ଷଣ ଦେଖାଉଥିବା ରୋଗର ସବିଶେଷ ବିଶ୍ଳେଷଣ ଅତ୍ୟାବଶ୍ୟକ. ଯଦି AHPND/EMS ରୋଗର ସୁନିଶ୍ଚିତତା ଜଣ ପଡେ, ତେବେ ସେ ପୋଖରୀ ରେ କ୍ଲୋରିନ ପକାଇ ବିଶୋଧନ କରିବା ଆବଶ୍ୟକ. କ୍ଲୋରିନ ନିଷ୍କ୍ରିୟକରଣତା ପରେ ପୋଖରୀରୁ ପାଣି ବିସର୍ଜନ କରିବା ଉଚିତ.



"Brackishwater aquaculture for food, employment and prosperity"


**ICAR-Central Institute of Brackishwater Aquaculture**
(ISO 9001:2015 certified)
Indian Council of Agricultural Research,
75, Santhome High Road, MRC Nagar, Chennai 600 028 Tamil Nadu, India
Phone: +91 44 24618817, 24616948, 24610565 | Fax: +91 44 24610311
Web: www.ciba.res.in | Email: director.ciba@icar.gov.in, director@ciba.res.in
Follow us on : /icarciba